# NATIONAL NEWS BULLETIN (ODIA)
## 9 January-2025
### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ପ୍ରବାସୀ ଭାରତୀୟ ପ୍ରବାସୀ ଦିବସକୁ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଆନ୍ଧ୍ରପ୍ରଦେଶର ତିରୁପତିରେ ଏକ ଟିକେଟ୍ କାଉଣ୍ଟରରେ ଦଳାଚକଟାରେ ୬ ମୃତ, ୪୦ରୁ ଅଧିକ ଆହତ ।
- ଇସ୍ରୋ ପକ୍ଷରୁ ପ୍ରେରଣ କରାଯାଇଥିବା ସ୍ପେଡେକ୍ସର ଡକିଂ ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ।
- ମହାକୁମ୍ଭ-୨୦୨୫ ଲାଗି ଆକାଶବାଣୀ ଓ ଦୂରଦର୍ଶନର ସ୍ୱତନ୍ତ୍ର ସଂଗୀତ ଲୋକାର୍ପିତ ।

ଏବଂ

- ମାଲେସିଆ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସିଙ୍ଗିଲ୍‌ସ ଓ ଡବଲ୍‌ସରେ ଉତ୍ତମ ପ୍ରଦର୍ଶନ କରୁଛନ୍ତି ଭାରତୀୟ ଖେଳାଳି

## ପିଏମ୍-ପ୍ରବାସୀ ଭାରତୀୟ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭୁବନେଶ୍ୱରର ଜନତା ମଇଦାନରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ଗତକାଲି ସନ୍ଧ୍ୟାରେ ଶ୍ରୀ ମୋଦୀ ଭୁବନେଶ୍ୱରରେ ପହଞ୍ଚିଥିଲେ। ବିମାନ ବନ୍ଦରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ସ୍ୱାଗତ କରିଥିଲେ । ଓଡ଼ିଶା ସରକାରଙ୍କ ସହଯୋଗରେ ଭାରତ ସରକାରଙ୍କ ପକ୍ଷରୁ ଚଳିତମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମାରୋହ ଆୟୋଜିତ ହେଉଛି । ଏହି କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟମାନେ ଯୋଗ ଦେଇଛନ୍ତି । ସମାରୋହର ଶୀର୍ଷକ ରହିଛି **ବିକଶିତ ଭାରତରେ ପ୍ରବାସୀଙ୍କ ଅବଦାନ ।** ଏହି ସମ୍ମିଳନୀରେ ୫୦ରୁ ଅଧିକ ଦେଶର ପ୍ରତିନିଧିମାନେ ଯୋଗଦେବା ଲାଗି ପଞ୍ଜୀକରଣ କରିଛନ୍ତି ।

ଆସନ୍ତାକାଲି ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ । ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା କେତେଜଣ ପ୍ରବାସୀ ଭାରତୀୟମାନଙ୍କୁ ରାଷ୍ଟ୍ରପତି ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରିବେ ।

ପ୍ରବାସୀ ଭାରତୀୟ ଦିବସ ସମାରୋହର ଆଜି ହେବାକୁ ଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଆକାଶବାଣୀ ଦିଲ୍ଲୀ ପକ୍ଷରୁ ଧାରାବିବରଣୀ ପ୍ରସାରଣ କରାଯିବ । ସକାଳ ୯ଟା ୫୫ ମିନିଟ୍‌ରୁ ଇନ୍ଦ୍ରପ୍ରସ୍ଥ, ଏଫ୍‌ଏମ୍ ଗୋଲ୍‌ଡ ଏବଂ ଆକାଶବାଣୀ ଲାଇଭ୍ ନିଉଜ ଜରିଆରେ ଏହା ଶୁଣାଯାଇ ପାରିବ । ଆକାଶବାଣୀର ୟୁଟ୍ୟୁବ୍ ଚ୍ୟାନେଲ୍, ଆକାଶବାଣୀ ଏ.ଆଇ.ଆର୍. ରେ ମଧ୍ୟ ଏହାର ସିଧା ପ୍ରସାରଣ କରାଯିବ।

# ତିରୁପତି-ଷ୍ଟାମ୍ପେଡ

ଆନ୍ଧ୍ରପ୍ରଦେଶର ତିରୁପତିରେ ଆସନ୍ତାକାଲିଠାରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ବୈକୁଣ୍ଠ ଏକାଦଶୀ ଦର୍ଶନ ପାଇଁ ଗତ ସନ୍ଧ୍ୟାରେ ତିରୁପତିରେ ଥିବା ଏକ ଟିକେଟ୍ କାଉଣ୍ଟରରେ ଦଳାଚକଟାରେ ୬ ଜଣଙ୍କର ମୃତ୍ୟୁ ଘଟିଛି । ଏଥିରେ ୪୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଘଟଣା ତିରୁପତି ସହର ମଧ୍ୟରେ ଥିବା ଏକ ଟିକେଟ୍ କାଉଣ୍ଟର ସାମ୍ନାରେ ଘଟିଛି ।

ବୈକୁଣ୍ଠ ଏକାଦଶୀ ଦର୍ଶନକୁ ଶ୍ରଦ୍ଧାଳୁମାନେ ଶୁଭ ବୋଲି ବିବେଚନା କରନ୍ତି ଏବଂ ତିରୁମାଲା ତିରୁପତି ଦେବସ୍ଥାନମ ୧ଲକ୍ଷ ୨୦ ହଜାର ଟୋକନ ପ୍ରଦାନ ପାଇଁ ତିରୁପତିର ୩ଟି ଅଲଗା ଅଲଗା ସ୍ଥାନରେ ୯୪ଟି

କାଉଣ୍ଟର କରାଯାଇଛି । ରାମା ନାଇଡୁ ସ୍କୁଲ୍ ନିକଟରେ ଖୋଲାଯାଇଥିବା ଏକ ଟୋକନ ପ୍ରଦାନ କେନ୍ଦ୍ରରେ ଏହି ଅଘଟଣ ଘଟିଛି ।

ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ଘଟଣାରେ  ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସାସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଅପରାହ୍ନରେ ସେ ତିରୁପତି ଗସ୍ତ କରି ସ୍ଥିତି ସମୀକ୍ଷା କରିବେ ।

ଅନ୍ୟପକ୍ଷରେ ତିରୁମାଲା ତିରୁପତି ଦେବସ୍ଥାନମର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆଗାମୀ ସମୟରେ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯିବ ।

ଇତିମଧ୍ୟରେ ସୂଚନା ପ୍ରଦାନ ଓ ସହାୟତା ପାଇଁ ଏକ କଣ୍ଟ୍ରୋଲ୍ ରୁମ୍ ଏବଂ ଜରୁରୀକାଳୀନ ହେଲ୍ପ୍ ଲାଇନ୍ ନମ୍ବର ଜାରି କରାଯାଇଛି । ହେଲ୍ପ୍ ଲାଇନ୍ ନମ୍ବର ହେଉଛି ୦୮୭୭-୨୨୩୬୦୦୭ ।

# ପିଏମ୍-ଷ୍ଟାମ୍ପେଡର

ତିରୁପତିରେ ଘଟିଥିବା ଦଳାଚକଟା  ଓ ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ନିଜର ପ୍ରିୟଜନଙ୍କୁ ହରାଇଥିବା ପରିବାରଗୁଡ଼ିକୁ ସମବେଦନା ଜଣାଇଛନ୍ତି । ଆହତମାନଙ୍କ ଆଶୁ ଅରୋଗ୍ୟ କାମନା କରି

ଶ୍ରୀ ମୋଦୀ ରାଜ୍ୟ ସରକାର ସମସ୍ତ ସହାୟତା ଯୋଗାଇ ଦେଇଥିବା କହିଛନ୍ତି ।

## ଶିବରାଜ-ନିର୍ମଳା ମିଟିଂ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆସନ୍ତା ବଜେଟକୁ ଦୃଷ୍ଟିରେ ରଖି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବୈଠକ ପରେ ଶ୍ରୀ ଚୌହାନ ଗଣମାଧ୍ୟମକୁ କହିଛନ୍ତି, କୃଷି, ଗ୍ରାମ୍ୟ ଉନ୍ନୟନ, ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ଏବଂ ଭୂସମ୍ପଦ ସମେତ ୪ଟି ବିଭାଗର ବଜେଟ ଉପରେ ଆଲୋଚନା ହୋଇଛି ।

ସୂଚନାଯୋଗ୍ୟ ପୂର୍ବରୁ ୧ମାସ ଧରି ଚାଲିଥିବା ପ୍ରାକ୍‌ବଜେଟ୍ ଆଲୋଚନା କାଳରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କୃଷି ଓ ଗ୍ରାମ୍ୟ ଉନ୍ନୟନ ବଜେଟ ଉପରେ ବିଭିନ୍ନ ଅଂଶୀଦାର ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ । ଗତକାଲି ଅନୁଷ୍ଠିତ ବୈଠକରେ କୃଷିମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଇସ୍ରୋ-ସ୍ପେଡେକ୍ସ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ସ୍ପେଡେକ୍ସ ଅଭିଯାନ ଅଧୀନରେ ପୃଥିବୀର ନିମ୍ନ କକ୍ଷପଥରେ ପରିକ୍ରମା କରୁଥିବା ଦୁଇଟି

ଉପଗ୍ରହର ଡକିଂ ପ୍ରକ୍ରିୟାକୁ ସ୍ଥଗିତ ରଖିଛି । ସଂସ୍ଥା ପକ୍ଷରୁ ଏକ ଟ୍ୱିଟ୍‌ରେ କୁହାଯାଇଛି, ୨ଟିଯାକ ଉପଗ୍ରହ ମଧ୍ୟରେ ଧୀର ଗତିଶୀଳତା ଯୋଗୁଁ ଡକିଂ ବା ସଂଯୋଗ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି । ୨ଟିଯାକ ଉପଗ୍ରହ ମଧ୍ୟରେ ଦୂରତା ୨୨୫ ମିଟରକୁ ହ୍ରାସ କରିବା ପାଇଁ ଉଦ୍ୟମ ଆରମ୍ଭ କରିବା ପରେ ଗତିଶୀଳତା ହ୍ରାସ ପାଇଥିବା ଜଣାପଡ଼ିଥିଲା ।

ପୂର୍ବରୁ ଗତ ୭ ତାରିଖରେ ଇସ୍ରୋ ପକ୍ଷରୁ ଡକିଂ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଗତକାଲି ପୁଣି ଡକିଂ କରିବା ଲାଗି ସ୍ଥିର କରାଯାଇଥିଲା । ଆଜି ହେବାକୁ ଥିବା ଡକିଂ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିବା ଇସ୍ରୋ କହିଛି ।

ସୂଚନା ଅନୁଯାୟୀ ଉଭୟ ଉପଗ୍ରହ ସୁରକ୍ଷିତ ଓ ସ୍ୱାଭାବିକ ରହିଛି । ଗତ ଡିସେମ୍ବର ୩୦ ତାରିଖରେ ଇସ୍ରୋ **PSLV-C-60** ରକେଟ୍ ଜରିଆରେ ୨ଟି ଉପଗ୍ରହକୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରିଥିଲା । ଉଭୟ ଉପଗ୍ରହର ଓଜନ ୨୨୦ କିଲୋଗ୍ରାମ ହୋଇଥିବା ବେଳେ ଏହା ପୃଥିବୀଠାରୁ ୪୭୫ କିଲୋମିଟର ଉଚ୍ଚରେ ପରିକ୍ରମା କରୁଛି ।

କକ୍ଷପଥରେ ଗତିକରୁଥିବା ୨ଟି ଉପଗ୍ରହକୁ ପରସ୍ପର ସହ ଯୋଡ଼ିବା ଏକ ଜଟିଳ ପ୍ରଣାଳୀ ଅଟେ । ମହାକାଶରେ ୨ଟି ଉପଗ୍ରହ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିବା ଲାଗି ଇସ୍ରୋ ପକ୍ଷରୁ ଗୋଟିଏ ଉପଗ୍ରହରେ

ପ୍ରୋପଲସନ ବ୍ୟବସ୍ଥା ବ୍ୟବହାର କରୁଛି । ୨ଟି ଉପଗ୍ରହ ମଧ୍ୟରେ ଯୋଗାଯୋଗ ପାଇଁ ଇଣ୍ଟର ସାଟେଲାଇଟ୍ ରେଡିଓ ଫ୍ରିକ୍ୱେନ୍ସି ଲିଙ୍କ୍ ସକ୍ରିୟ କରାଯିବ । ପରେ ସୂଚନା ଆଦାନ ପ୍ରଦାନ ଦ୍ୱାରା ନିୟନ୍ତ୍ରିତ ବେଗରେ ୨ଟି ଉପଗ୍ରହର ସଂଯୋଗ ସମ୍ଭବ ହୋଇପାରିବ ।

## ଆକାଶବାଣୀ ଡିଡି ସଙ୍ଗ୍‌ସ

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ଆକାଶବାଣୀ ଓ ଦୂରଦର୍ଶନର ମହାକୁମ୍ଭ-୨୦୨୫ ଲାଗି ଉଦ୍ଦିଷ୍ଟ ସ୍ୱତନ୍ତ୍ର ସଙ୍ଗୀତର ଲୋକାର୍ପଣ କରିଛନ୍ତି । ଏହି ମହାକୁମ୍ଭ ଆସନ୍ତା ୧୩ ତାରିଖ ଠାରୁ ଫେବୃୟାରୀ ମାସ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଲୋକାର୍ପଣ ସମାରୋହରେ ପ୍ରସାର ଭାରତୀର ଅଧ୍ୟକ୍ଷ ନବନୀତ କୁମାର ସେହଗାଲ୍, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ, ଦୂରଦର୍ଶନର ମହାନିର୍ଦ୍ଦେଶକ କାଞ୍ଚନ ପ୍ରସାଦ ଏବଂ ଆକାଶବାଣୀର ମହାନିର୍ଦ୍ଦେଶକ ପ୍ରଜ୍ଞା ପାଲିୱାଲ୍ ଗୌର ପ୍ରମୁଖ ଉପସ୍ଥିତ ଥିଲେ ।

## ଜେ.ପି.ସି. - ୱାନ୍ ନେସନ ୱାନ୍ ଇଲେକ୍‌ସନ

'ଏକ ଦେଶ : ଏକ ନିର୍ବାଚନ' ସମ୍ପର୍କିତ ଦୁଇଟିଯାକ ବିଲ୍ ଉପରେ ବିଚାରବିମର୍ଶ ଲାଗି ଗତକାଲି ନୂଆଦିଲ୍ଲୀରେ ଯୁଗ୍ମ ସଂସଦୀୟ କମିଟି - ଜେ.ପି.ସି.ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି । ଏହି ବିଲ୍‌ଗୁଡ଼ିକ ହେଲା - ସମ୍ବିଧାନ (୧୨୯ତମ ସଂଶୋଧନ) ବିଲ୍-୨୦୨୪ ଏବଂ

କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍-୨୦୨୪ । ବୈଠକ ଅବସରରେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ପ୍ରତିନିଧିମାନେ ଜେ.ପି.ସି.ର ସଦସ୍ୟମାନଙ୍କୁ ଏହି ପ୍ରସ୍ତାବିତ ଆଇନର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । କମିଟିର ଅଧ୍ୟକ୍ଷ ତଥା ବିଜେପି ସାଂସଦ ପି.ପି. ଚୌଧୁରୀ କହିଛନ୍ତି, କମିଟି ପକ୍ଷରୁ ଏ ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳ, ସମାଜର ବିଭିନ୍ନ ବର୍ଗ, ଆଇନ ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରଙ୍କଠାରୁ ମତାମତ ଗ୍ରହଣ କରାଯିବ । ଏହାପରେ କମିଟିର ସମସ୍ତ ସଦସ୍ୟଙ୍କୁ ନେଇ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ । ୩୯ ଜଣିଆ କମିଟିରେ ଲୋକସଭାର ୨୭ ଜଣ ଏବଂ ରାଜ୍ୟସଭାର ୧୨ ଜଣ ସଦସ୍ୟ ରହିଛନ୍ତି ।

## ମାଲେସିଆ-ଓପନ୍ ବ୍ୟାଡମିଣ୍ଟନ

କ୍ୱାଲାଲାମ୍ପୁରଠାରେ ଚାଲିଥିବା ମାଲେସିଆ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଏଚ୍.ଏସ୍. ପ୍ରଣୟ ଏବଂ ମାଳବିକା ବଂଶୋଦ ସିଙ୍ଗିଲ୍ସ ମ୍ୟାଚ୍ ଜିତିବା ପରେ ପ୍ରି-କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ଗତକାଲି ଅନୁଷ୍ଠିତ ଖେଳରେ ଏଚ୍.ଏସ୍. ପ୍ରଣୟ ୨୧-୧୨, ୧୭-୨୧ ଓ ୨୧-୧୫ରେ କାନାଡାର ବ୍ରିୟାନ୍ ୟାଙ୍ଗ ଙ୍କୁ ପରାସ୍ତ କରିଥିଲେ । ଆଜି ସକାଳ ୮ଟା ୧୦ ମିନିଟ୍‌ରେ ସେ ଚୀନ୍‌ର ସପ୍ତମ ମାନ୍ୟତାପ୍ରାପ୍ତ ସି. ଫେଙ୍ଗ୍ ଲି ଙ୍କ ସହ ମୁକାବିଲା କରିବେ ।

ସେହିପରି ମହିଳା ସିଙ୍ଗିଲ୍ସରେ ମାଳବିକା ବଂଶୋଦ ମାଲେସିଆର ଗୋହ ଜିନ୍ ଓ୍ୱିଙ୍କୁ ୨୧-୧୫ ଓ ୨୧-୧୬ରେ ପରାସ୍ତ କରିଛନ୍ତି । ମାଳବିକା ଆଜି ୧୬ତମ ରାଉଣ୍ଡରେ ଦିନ ୧୦ଟା ୩୦ ମିନିଟ୍ ସମୟରେ ଚୀନ୍ର ହାନ୍ ୟୁ ଙ୍କ ସହ ମୁକାବିଲା କରିବେ ।

ମିକ୍ସଡ ଡବଲ୍ସରେ ଭାରତର ଧ୍ରୁବ କପିଳା ଏବଂ ତନିସା କ୍ରାଷ୍ଟୋ ୨୧-୧୩, ୨୧-୧୪ରେ ଦକ୍ଷିଣ କୋରିଆର ସୁଙ୍ଗ୍ ହ୍ୟୁନ୍ କୋ ଏବଂ ହାଇ ଓନ୍ ୟୋଙ୍ଗ୍ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି । ଏହି ଭାରତୀୟ ଯୋଡ଼ି ଚୀନ୍ର ସପ୍ତମ ମାନ୍ୟତାପ୍ରାପ୍ତ ଜିଙ୍ଗ୍ ଚେଙ୍ଗ୍ ଓ ଚି ଝାଙ୍ଗ ଯୋଡ଼ିଙ୍କ ସହ ମୁକାବିଲା କରୁଛନ୍ତି ।

ସେହିପରି ଅନ୍ୟ ମିକ୍ସଡ ଡବଲ୍ସରେ ଭାରତର ସତୀଶ ଓ ଆଦ୍ୟା ନିଜ ଦେଶର ଆସିଥ୍ ସୂର୍ଯ୍ୟ ଏବଂ ଅମୃତା ପ୍ରମୁଥେଶଙ୍କୁ ୨୧-୧୩, ୨୧-୧୫ରେ ପରାସ୍ତ କରିଛନ୍ତି । ଉଭୟ ଆଜି ସକାଳ ୯ଟା ୧୦ ମିନିଟ୍ରେ ପ୍ରି କ୍ୱାର୍ଟର ଫାଇନାଲ୍ରେ ମାଲେସିଆର ଚତୁର୍ଥ ମାନ୍ୟତାପ୍ରାପ୍ତ ଯୋଡ଼ି ସୁନ୍ ହୁଆତ ଗୋହ ଏବଂ ସେଭନ୍ ଜେମି ଲାଇ ଙ୍କ ସହ ମୁକାବିଲା କରିବେ ।

ପୁରୁଷ ଡବଲ୍ସ ପର୍ଯ୍ୟାୟରେ ଚିରାଗ ସେଟ୍ଟି ଏବଂ ଏସ୍.ଏସ୍. ରାଙ୍କିରେଡିଙ୍କ ଯୋଡ଼ି ଆଜି ଦିନ ୧୦ଟା ୧୦ ମିନିଟ୍ରେ ମାଲେସିଆର ଟାନ ଓ୍ୱି କିଓଙ୍ଗ ଓ ନୁର୍ ମହମ୍ମଦ ଆଜୋରିନ ଆୟୁବୁ ଙ୍କୁ ଭେଟିବେ । ମହିଳା ଡବଲ୍ସରେ ଟେରେସା ଜଲି ଓ ଜି. ଗୋପିଚାନ୍ଦ ଆଜି ସକାଳ

୭ଟା ୫୦ ମିନିଟ୍‌ରେ ଚୀନ୍‌ର ଝାଙ୍ଗ୍ ସୁଜିଆନ ଓ ଜିଆ ରିଫାନ୍‌ଙ୍କ ସହ ମୁକାବିଲା କରିବେ ।

ଅନ୍ୟପକ୍ଷରେ ମହିଳା ଡବଲ୍‌ସ ବର୍ଗରେ ଭାରତୀୟ ଯୋଡ଼ି ଋତୁପର୍ଣ୍ଣା ପଣ୍ଡା ଏବଂ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଥାଇଲାଣ୍ଡର ବେଣୀଆପ୍ପା ଓ ନୁଣ୍ଟାକର୍ଣ୍ଣ ଏମ୍‌ସାଡ୍‌ଙ୍କଠାରୁ ୧୭-୨୧, ୧୦-୨୧ରେ ପରାସ୍ତ ହୋଇଛନ୍ତି ।